ମିଳିତ ଓଡିଶା ନିଶାନିବାରଣ ଅଭିଯାନ (ମୋନା)
**Milita Odisha Nisha Nibaran Abhijan (MONNA)**
(Registered under The Indian Trust Act – 1882 vide No.: 1081603503 / 2016)
H.O. : Plot No.-853/1431, Madhusudan Nagar, Unit – 4, (Pragati Nursing Home – 2nd Floor),
Bhubaneswar – 751001, (Odisha), M- 9437107427 E Mail : monnaodisha@gmail.com Website : www.monnaodisha.org

Ref. : MONNA/2024-25/442

Date : 03/07/2024 (04)

ମହାମାନ୍ୟ ରାଷ୍ଟ୍ରପତି ମହୋଦୟ, ଭାରତ,
କ୍ୟାମ୍ପ-ଭୁବନେଶ୍ୱର ।

ମହାଭାଗ !

ଆପଣ ମହିଳା ଭାବରେ ଦ୍ଵିତୀୟ ଓ ତଫସିଲଭୁକ୍ତ ଜାତିରୁ ପ୍ରଥମ ରାଷ୍ଟ୍ରପତି ଭାବରେ ରାଷ୍ଟ୍ରର ସର୍ବୋଚ୍ଚ ସ୍ଥାନରେ ସ୍ଥାନିତ ହୋଇ ସେହି ଆସନର ମର୍ଯ୍ୟାଦାକୁ ଯେଭଳି ମହିମାନ୍ୱୀତ କରିଛନ୍ତି ତାହା ସମଗ୍ର ଓଡ଼ିଆ ଜାତି ଲାଗି ପରମ ସୌଭାଗ୍ୟର ବିଷୟ ।

ବ୍ୟକ୍ତିଗତ ଜୀବନରେ ଦାରୁଣ ଧକ୍କାକୁ ଅତିକ୍ରମ କରି ରାଜନୈତିକ କ୍ଷେତ୍ରରେ ପାହାଚ ପରେ ପାହାଚ ଅଭିଜ୍ଞତାକୁ ପାଥେୟ କରି ଆପଣ ଯେତେ ବେଳେ ରାଷ୍ଟ୍ରପତି ଭାବରେ ବନ୍ଦୀଶାଳାରେ ସଢୁଥିବା ନ୍ୟାୟରୁ ବଞ୍ଚିତ ନିରକ୍ଷର ଓ ନିରିମାଖିମାନଙ୍କ ସମସ୍ୟା ସର୍ବୋଚ୍ଚ ବିଚାରପତିଙ୍କ ସମେତ ଦେଶର ନ୍ୟାୟ ବ୍ୟବସ୍ଥା ସହିତ ସମ୍ପୃକ୍ତ ସର୍ବୋଚ୍ଚ ବ୍ୟକ୍ତିମାନଙ୍କ ଦୃଷ୍ଟିକୁ ଆଣିଥିଲେ, ତାହା ଥିଲା ଭାରତୀୟ ନ୍ୟାୟ ବିଚାର ଇତିହାସର ଏକ ଅଲିଭା ମୁହୂର୍ତ୍ତ; ଆଉ ରାଷ୍ଟ୍ରର ସର୍ବୋଚ୍ଚ ବିଚାରପତି ତଥା ଆଇନଜ୍ଞମାନଙ୍କର ମୁଣ୍ଡ ନଇଁ ଯାଇଥିଲା ଆପଣଙ୍କ ଅଭିଜ୍ଞତା ଲବ୍ଧ ହୃଦୟବତ୍ତା ଆଗରେ । ପରେ ପରେ ଦଶାବ୍ଦୀ ଦଶବ୍ଦୀ ଧରି ବନ୍ଦଶାଳାରେ ବିଚାରରୁ ବଞ୍ଚିତମାନଙ୍କ ପାଇଁ ଉନ୍ମୋଚିତ ହୋଇଯାଇଥିଲା ନୂଆ ପ୍ରଭାତ ।

ଓଡ଼ିଶା ଆଉ ସମଗ୍ର ଦେଶ ଲାଗି ଆଉ ଗୋଟିଏ ଗୁରୁତର ସମସ୍ୟା ଆମେ ଆପଣଙ୍କ ଦୃଷ୍ଟିକୁ ଆଣୁଛୁ; ଯାହାର ତାଡିରେ ଆମେ ସମସ୍ତେ ବ୍ୟତିବ୍ୟସ୍ତ । ସ୍ୱାଧୀନତା ପରେ ଯେଉଁ କାମଟି ପ୍ରଥମ କରିବା କଥା ସେହି ନିଶା ନିବାରଣ ପ୍ରତି ଅଳ୍ପ କେତୋଟି ରାଜ୍ୟକୁ ଛାଡ଼ି ସମଗ୍ର ଭାରତ ଉଦାସୀନ । ଅପରପକ୍ଷରେ ଗତ ୭୫ ବର୍ଷ ମଧ୍ୟରେ ବିଭିନ୍ନ ନିଶା ଓ କେତେକ ନୂଆ ମାରାତ୍ମକ ନିଶା ଶହେ ଗୁଣ ବଢିଯାଇଛି । ଯେଉଁ ରାଜ୍ୟରେ ନିଶା ନିବାରଣ ଚାଲୁଅଛି, ପଡ଼ୋଶୀ ରାଜ୍ୟରେ ନିଶା ପ୍ରସାରଣ ବଢିଚାଲିଥିବା ଯୋଗୁ ପୂର୍ବୋକ୍ତ ରାଜ୍ୟ ମଧ୍ୟକୁ ବେଆଇନ ମଦର ଅନୁପ୍ରବେଶକୁ ରୋକିବା କଷ୍ଟକର ହେଉଛି । ଏଣୁ ସମଗ୍ର ଦେଶରେ ନିଶା ନିବାରଣ କାର୍ଯ୍ୟ ଚାଲିଲେ ଏହି ଅଭିଯାନଟି ସଫଳ ହେବ ।

(ପରପୃଷ୍ଠା ଦେଖନ୍ତୁ)

ଏହି ପ୍ରସଙ୍ଗରେ ଆମେ ଆମ ସମ୍ବିଧାନର ଅନୁଚ୍ଛେଦ ୪୭ ପ୍ରତି ଆପଣଙ୍କ ଦୃଷ୍ଟି ଆକର୍ଷଣ କରୁଛୁ । ସେଥିରେ ଅଛି, **"The State shall regard the raising of the level of nutrition and standard of living of its people and the improvement of public health as among its primary duties and in particular, the State shall endeavour to bring about prohibition of the consumption, except for medical purposes of intoxicating drinks and of drugs which are injurious to health".**

ମହାଶୟ ! ସମ୍ବିଧାନ ଗୃହିତ ହେବାର ୭୫ ବର୍ଷ ମଧ୍ୟରେ ଅଳ୍ପ କିଛି ରାଜ୍ୟକୁ ଛାଡ଼ିଦେଲେ ସମଗ୍ର ଦେଶରେ ଅନ୍ୟାନ୍ୟ ରାଜ୍ୟମାନେ ପୂର୍ବୋକ୍ତ ନିଶା ନିବାରଣ ଦିଗରେ କିଛି ନ କଲେ ତ ନାହିଁ, ବରଂ ଏହାର ଓଲଟା କାମ ଯଥା ବ୍ୟାପକ ନିଶା ପ୍ରସାରଣ ଚଳାଇ ଚାଲିଛନ୍ତି । ଏତଦ୍ୱାରା ସେମାନେ ସମ୍ବିଧାନର ନିର୍ଦ୍ଦେଶନାମା ପ୍ରତି ଚରମ ଅପରାଧ କରୁଛନ୍ତି ।

ରାଷ୍ଟ୍ରର ସର୍ବଶ୍ରେଷ୍ଠ କର୍ତ୍ତା ହିସାବରେ ଆପଣ ସେସବୁ ରାଜ୍ୟର ମୁଖ୍ୟଙ୍କୁ ଏଥିଲାଗି କୈଫିୟତ ମାଗନ୍ତୁ, ଏବଂ ନିର୍ଦ୍ଦେଶ ଦିଅନ୍ତୁ ଯେ, ସେମାନେ ଅନ୍ତତଃ ବର୍ଷକ ମଧ୍ୟରେ, ୧୯୪୯ ନଭେମ୍ବର ୧୧ରେ ସେମାନଙ୍କ ରାଜ୍ୟରେ ପ୍ରଚଳିତ ଥିବା ନିଶା ବିକ୍ରି ସ୍ତରକୁ କମାଇ ଆଣନ୍ତୁ ଓ ହିରୋଇନ ଭଳି ନୂଆ ନିଶାକୁ ସମ୍ପୂର୍ଣ୍ଣ ବନ୍ଦ କରନ୍ତୁ ।

ଦେଶର ଏପରି ଅପରିହାର୍ଯ୍ୟ କାମଟି ଆପଣଙ୍କ ବ୍ୟତୀତ କିଏ ବା କରିପାରିବ ? ନିଶାର ଭୟାବହତା ଆପଣ ପାଖରୁ ଦେଖୁଛନ୍ତି । ଏହି ଗୋଟିଏ କାର୍ଯ୍ୟ ଲାଗି ଆପଣ ଯୁଗ ଯୁଗ ପାଇଁ ଦେଶର ସବୁଠାରୁ ବଞ୍ଚିତ ଓ ପ୍ରପୀଡ଼ିତ ଶହ ଶହ କୋଟି ଲୋକଙ୍କ ପାଇଁ ସ୍ମରଣୀୟ ହୋଇ ରହିବେ ।

ପଦ୍ମଚରଣ ନାୟକ, ସଭାପତି
ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ
ମୋ : ୯୯୩୮୮୯୩୪୪୫